ପାଠ-୪

# ରଜ ଦୋଳି

## STUDY NOTES

ଆଚ୍ଛା ! ପିଲାମାନେ ତୁମେମାନେ କେତେବେଳେ ଖୁସି ହୁଅ ? ମୁଁ କହିବି ପିଲାମାନେ ତୁମେ କେତେବେଳେ ଖୁସି ହୁଅ ? ଯେତେବେଳେ ବାହାରକୁ ବୁଲିବାକୁ ଯାଅ, ନୂଆ ନୂଆ ପୋଷାକ ପିନ୍ଧ କିମ୍ବା କିଛି ଭଲ ଜିନିଷ ଖାଅ। ଏହା ତ ତୁମମାନଙ୍କର ନିତିଦିନିଆ କଥା, ନୁହେଁ? ସବୁବେଳେ ବୁଲିବା ନୂଆ ପୋଷାକ ପିନ୍ଧିବା ଓ ଭଲ ଜିନିଷ ଖାଇବା ଏହା କେବଳ ଯେତେବେଳେ ଘରେ କିଛି ପର୍ବ ପର୍ବାଣୀ ପାଳନ ହୁଏ, ସେତେବେଳେ ଆମେ ଏହା ସବୁ କରିଥାଉ।

ଆଚ୍ଛା ପିଲାମାନେ ତୁମେମାନେ କ'ଣ ସବୁ ପୂଜାପର୍ବ ପାଳନ କର କହିଲ ? ହଁ, ତୁମ ଘରେ ବର୍ଷକ ବାରମାସ ଛଅ ଋତୁରେ ବିଭିନ୍ନ ପ୍ରକାର ପର୍ବ ପାଳନ କରାଯାଉଥିବ। ଯେମିତି ହୋଲି, ଗଣେଶ ପୂଜା, ଦଶହରା, ଇଦ୍, ରାକ୍ଷୀପୂର୍ଣ୍ଣମୀ, ଦୀପାବଳୀ, ରଜ ଏମିତି ଅନେକ କିଛି।



ଏହି ସମସ୍ତ ପର୍ବଠାରୁ ରଜପର୍ବରେ ଆମେ ସମସ୍ତେ ବହୁତ ମଜା କରୁ କାରଣ ରଜଛୁଟି ବହୁତ ଦିନ ପର୍ଯ୍ୟନ୍ତ ହୁଏ। ଏହି ପର୍ବ ପୁଣି ଆମେମାନେ ୩ ଦିନ ଧରି ପାଳନ କରୁ।

୧. କ) କେଉଁ ପରବରେ ବେଶୀ ମଜା ହୁଏ ?

ଉ: ରଜ ପରବରେ ବେଶୀ ମଜା ହୁଏ।

ଖ) ରଜ କେତେଦିନ ପାଳନ ହୁଏ ?

ଉ: ରଜ ପରବ ୩ ଦିନ ଧରି ପାଳନ ହୁଏ। ରଜରେ ଆମେ ଦୋଳି ଖେଳୁ, ନୂଆ ପୋଷାକ ପରିଧାନ କରୁ କେତେ ନାନା ରକମର ପିଠାପଣା ମଧ୍ୟ ଖାଉ। ପୋଡ଼ପିଠା ହେଉଛି ରଜରେ ପ୍ରଧାନ ପିଠା। ତା'ପରେ ଚକୁଳି, ମଣ୍ଡାପିଠା, କାକରା, କ୍ଷିରୀ ଏମିତି ବହୁତ ପ୍ରକାରର ପିଠାପଣା ହୁଏ।



ଝିଅ ଓ ପୁଅମାନେ ରଜରେ କେତେ ଖେଳ ମଧ୍ୟ ଖେଳନ୍ତି। ଦୋଳିରେ ଝୁଲି ଝୁଲି ଗୀତ ଗାଆନ୍ତି। ପୁଅମାନେ ବାଗୁଡ଼ି, ତାସ୍, ଲୁଡୁ, କବାଡ଼ି ଖେଳ ଖେଳନ୍ତି।





୩. କ) ଝିଅମାନେ ରଜରେ କ'ଣ କରନ୍ତି ?

ଉ: ଝିଅମାନେ ରଜରେ ଦୋଳି ଖେଳନ୍ତି ।

ଖ) ପୁଅମାନେ ରଜରେ କେଉଁ ଖେଳ ଖେଳନ୍ତି ?

ଉ: ପୁଅମାନେ ବାଗୁଡ଼ି, ତାସ୍, ଲୁଡୁ ଖେଳନ୍ତି ।

୪. 'କ' ଘର ସହ 'ଖ' ଘର ଯୋଡ଼ ।

| 'କ' | 'ଖ' |
| --- | --- |
| ରଜ | କବାଡ଼ି ଖେଳ |
| ପୁଅ | ସଜାବାଜ |
| ଝିଅ | ପୋଡ଼ ପିଠା |

ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସଭିଏଁ ରଜ ପରବକୁ ଖୁବ୍ ଭଲ ଭାବରେ ଉପଭୋଗ କରନ୍ତି ।

♦♦♦

ODM EDUCATIONAL GROUP Changing your Tomorrow